# NATIONAL NEWS BULLETIN (ODIA)
## 22 May - 2026
## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀ ଆସନ୍ତାକାଲି ୫୧ ହଜାରରୁ ଊର୍ଦ୍ଧ୍ୱ ନବନିଯୁକ୍ତଙ୍କୁ ବଣ୍ଟନ କରିବେ ନିଯୁକ୍ତିପତ୍ର ।
- ସାଇପ୍ରସ ରାଷ୍ଟ୍ରପତିଙ୍କ ସହ ବିଭିନ୍ନ ଆଞ୍ଚଳିକ ଏବଂ ବୈଶ୍ୱିକ ପ୍ରସଙ୍ଗ ନେଇ ପ୍ରଧାନମନ୍ତ୍ରୀ କଲେ ମତବିନିମୟ ।
- ବାଂଲାଦେଶ-ପାକିସ୍ତାନ ସୀମାନ୍ତ ଅଭେଦ୍ୟ ଲକ୍ଷ୍ୟରେ ଆରମ୍ଭ ହେବ ସ୍ମାର୍ଟ୍ ସୀମା ପ୍ରକଳ୍ପ ।
- ବରିଷ୍ଠ ନାଗରିକଙ୍କୁ ସହାୟତା ଯୋଗାଇଦେବା ଲାଗି 'ଜୀବନ' ମୋବାଇଲ୍ ଆପ୍‌ର ଶୁଭାରମ୍ଭ ।

ଏବଂ

- ଆଇପିଏଲ୍ କ୍ରିକେଟ୍‌ରେ ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ବିପକ୍ଷରେ ଟସ୍ ଜିତି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଲା ସନ୍‌ରାଇଜର୍ସ ହାଇଦ୍ରାବାଦ ।

## ପିଏମ୍-ରୋଜଗାର ମେଳା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ସକାଳେ ଆଭାସୀ ମାଧ୍ୟମରେ ଉନ୍ନବିଂଶ ରୋଜଗାର ମେଳା କାର୍ଯ୍ୟକ୍ରମରେ ବିଭିନ୍ନ ସରକାରୀ ବିଭାଗ ଏବଂ ସଂସ୍ଥାରେ ୫୧ ହଜାରରୁ ଊର୍ଦ୍ଧ୍ୱ ନବନିଯୁକ୍ତଙ୍କୁ ନିଯୁକ୍ତିପତ୍ର ବଣ୍ଟନ କରିବେ । ଦେଶର ୪୭ଟି ସ୍ଥାନରେ ଆସନ୍ତାକାଲି ରୋଜଗାର ମେଳା ଆୟୋଜନ କରାଯିବ । ନୂତନ ଭାବେ ନିଯୁକ୍ତି ପାଇଥିବା ପ୍ରାର୍ଥୀମାନେ ରେଳ ମନ୍ତ୍ରଣାଳୟ, ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ, ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ, ଆର୍ଥିକ ସେବା ବିଭାଗ, ଉଚ୍ଚଶିକ୍ଷା ବିଭାଗ ଆଦି ମନ୍ତ୍ରଣାଳୟ ଏବଂ ସରକାରୀ ବିଭାଗରେ ଯୋଗଦେବେ । ନିଯୁକ୍ତି ସୃଷ୍ଟି ଉପରେ ପ୍ରଧାନମନ୍ତ୍ରୀଙ୍କର ପ୍ରତିବଦ୍ଧତାକୁ ଦୃଷ୍ଟିରେ ରଖି ରୋଜଗାର ମେଳା ସରକାରଙ୍କ ଏକ ପ୍ରମୁଖ ପଦକ୍ଷେପ । ପୂର୍ବରୁ ଦେଶରେ ୧୮ଟି ରୋଜଗାର ମେଳାର ଆୟୋଜନ କରାଯାଇ ପ୍ରାୟ ୧୨ ଲକ୍ଷ ନିଯୁକ୍ତିପତ୍ର ବଣ୍ଟନ କରାଯାଇଥିବା ଜଣାଯାଇଛି ।

## ଏମ୍‌ଇଏ-ବ୍ରିଫିଂ ସାଇପ୍ରସ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ସାଇପ୍ରସ ରାଷ୍ଟ୍ରପତି ନିକୋଶ କ୍ରିଷ୍ଟୋଡୋଲାଇଡ୍ସଙ୍କ ସହ ଆଜି ନୂଆଦିଲ୍ଲୀ ଠାରେ ବାଣିଜ୍ୟ, ପୁଞ୍ଜିବିନିଯୋଗ, ପ୍ରତିରକ୍ଷା, ସାମୁଦ୍ରିକ ସୁରକ୍ଷା, ଆର୍ଥିକ ସଂଯୋଗୀକରଣ,

ପ୍ରଯୁକ୍ତିବିଦ୍ୟା ଏବଂ ନବସୃଜନ, ଯାତାୟତ, ଶିକ୍ଷା, ସଂସ୍କୃତି ଏବଂ ଭାରତ-ୟୁରୋପୀୟ ସଂଘ ସହଭାଗିତା ଆଦି ବିଷୟରେ ଆଲୋଚନା ହୋଇଛି ।

ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ସଚିବ ସିବି ଜର୍ଜ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ଉଭୟ ନେତା ବିଭିନ୍ନ ଆଞ୍ଚଳିକ ଏବଂ ବୈଶ୍ୱିକ ପ୍ରସଙ୍ଗ ଉପରେ ମଧ୍ୟ ସେମାନଙ୍କର ମତ ବିନିମୟ କରିଥିଲେ । ସେ କହିଛନ୍ତି, ସାଇପ୍ରସ ପକ୍ଷରୁ ମୁମ୍ବାଇଠାରେ ବାଣିଜ୍ୟ କାର୍ଯ୍ୟାଳୟ ଖୋଲାଯିବା ସମ୍ପର୍କରେ ଘୋଷଣା କରାଯାଇଛି । ସାଇପ୍ରସ ଠାରେ ଭାରତୀୟ ହିନ୍ଦୀ ଚଳଚ୍ଚିତ୍ରର ସୁଟିଂ ନେଇ ହୋଇଥିବା ଏକ କାର୍ଯ୍ୟକ୍ରମରେ ସାଇପ୍ରସ ରାଷ୍ଟ୍ରପତି ଯୋଗଦେଇଥିଲେ । ମୁମ୍ବାଇର ତାଜ୍ ପ୍ୟାଲେସ୍ ହୋଟେଲ୍ ଠାରେ ୨୬/୧୧ ଆତଙ୍କବାଦୀ ଆକ୍ରମଣ ଘଟଣାର ସ୍ମାରକୀ ସ୍ଥଳୀରେ ସାଇପ୍ରସ ରାଷ୍ଟ୍ରପତି ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ । ଶ୍ରୀ ଜର୍ଜ କହିଛନ୍ତି, ସାଇପ୍ରସ ଭାରତକୁ ସୀମାପାର ଆତଙ୍କବାଦ ବିରୋଧରେ ସଂଗ୍ରାମ ଲାଗି ନିରନ୍ତର ସହାୟତା କରୁଛି । ଆସନ୍ତା ବର୍ଷ ଠାରୁ ସାଇପ୍ରସରେ ୟୁ.ପି.ଆଇ. କାର୍ଯ୍ୟକାରୀ କରିବ ବୋଲି ଶ୍ରୀ ଜର୍ଜ କହିଛନ୍ତି ।

## ଅମିତ ଶାହା

କେନ୍ଦ୍ର ସରକାର ବାଂଲାଦେଶ ଏବଂ ପାକିସ୍ତାନର ସମଗ୍ର ସୀମାନ୍ତକୁ ଅଭେଦ୍ୟ କରିବା ଲକ୍ଷ୍ୟରେ ସ୍ମାର୍ଟ୍ ସୀମା ପ୍ରକଳ୍ପ ଆରମ୍ଭ କରିବେ ।

ନୂଆଦିଲ୍ଲୀ ଠାରେ ଆଜି ସୀମା ସୁରକ୍ଷା ବଳ ବି.ଏସ୍.ଏଫ୍.ର ଅଳଙ୍କରଣ ସମାରୋହ ଏବଂ ରୁସ୍ତମଜୀ ସ୍ମାରକୀ ବକ୍ତୃତା ସମାରୋହରେ ଯୋଗଦେଇ ଶ୍ରୀ ଶାହା କହିଛନ୍ତି, ଆସନ୍ତା ବର୍ଷ ମଧ୍ୟରେ ସୀମା ସୁରକ୍ଷାକୁ କଡ଼ାକଡ଼ି କରିବା ଲାଗି କାର୍ଯ୍ୟ ଆଗେଇ ଚାଲିଛି । ସ୍ମାର୍ଟ୍ ସୀମା ପ୍ରକଳ୍ପ ଅଧୀନରେ ବିଭିନ୍ନ ପ୍ରଯୁକ୍ତିବିଦ୍ୟା ବିନିଯୋଗରେ ସୀମା ସୁରକ୍ଷା କାର୍ଯ୍ୟ ହାତକୁ ନିଆଯାଇଛି । ଶ୍ରୀ ଶାହା କହିଛନ୍ତି, ସ୍ମାର୍ଟ୍ ସୀମା ପ୍ରକଳ୍ପରେ ଦେଶର ସୀମାକୁ ଡ୍ରୋନ୍, ର୍ୟାଡାର, ଅତ୍ୟାଧୁନିକ କ୍ୟାମେରା ଏବଂ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ବିନିଯୋଗ କରାଯାଇ ସୁରକ୍ଷିତ ରଖାଯିବ । ଶ୍ରୀ ଶାହା କହିଛନ୍ତି, ଏହି ପଦକ୍ଷେପ ଆରମ୍ଭ ହେବା ଦ୍ୱାରା ସୀମା ସୁରକ୍ଷା ବାହିନୀ ଯବାନମାନଙ୍କ କାର୍ଯ୍ୟ ଉଲ୍ଲେଖନୀୟ ଭାବେ ସହଜ ଏବଂ ସଶକ୍ତ ହୋଇପାରିବ । ଭାରତ ନିଶ୍ଚିତ ରୂପେ ସାଇବର ଆତଙ୍କ, ଯୁଦ୍ଧ କୌଶଳ ଏବଂ ଡ୍ରୋନ୍ ଭିତ୍ତିକ ଆହ୍ୱାନର ମୁକାବିଲା ନିମନ୍ତେ ନୂତନ ପ୍ରଯୁକ୍ତିବିଦ୍ୟା ଆପଣାଇବ ବୋଲି ଶ୍ରୀ ଶାହା କହିଛନ୍ତି ।

**VO-**

ସ୍ୱରାଷ୍ଟ୍ର ମନ୍ତ୍ରୀ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱ କ୍ରମେ କେନ୍ଦ୍ର ସରକାର କେବଳ ଅନୁପ୍ରବେଶକୁ ରୋକି ନାହାନ୍ତି ବରଂ ପ୍ରତିଟି ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରିବା ସହ ଦେଶରୁ ତଡ଼ି ଦେଇଛନ୍ତି । ତ୍ରିପୁରା, ଆସାମ ଏବଂ ପଶ୍ଚିମବଙ୍ଗ ସରକାର ସମ୍ପ୍ରତି କେନ୍ଦ୍ର

ସରକାରଙ୍କ ନୀତି ନିୟମକୁ କାର୍ଯ୍ୟକାରୀ କରୁଛନ୍ତି ଏବଂ ବେଆଇନ୍ ଅନୁପ୍ରବେଶକାରୀଙ୍କୁ ବିରୋଧ କରୁଥିବା ସେ କହିଛନ୍ତି । ଅନୁପ୍ରବେଶକାରୀଙ୍କୁ ବନ୍ଦ କରିବାର ଏବେ ପ୍ରକୃଷ୍ଟ ସମୟ ଆସିଛି ବୋଲି ଶ୍ରୀ ଶାହା କହିଛନ୍ତି । କେନ୍ଦ୍ର ସରକାରଙ୍କ ଦୃଢ଼ ପ୍ରତିବଦ୍ଧତା ଯୋଗୁଁ ପାଞ୍ଚ ଦଶନ୍ଧି ଧରି ରହିଥିବା ନକ୍ସଲ ସମସ୍ୟା ଏବେ ଭାରତରୁ ଦୂରୀଭୂତ ହୋଇପାରିଛି ।

## ସିବିଏସ୍‌ଇ-ଏକ୍ସଟେନ୍‌ସନ୍

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ଼ ସି.ବି.ଏସ୍.ଇ. ପକ୍ଷରୁ ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷାର ଉତ୍ତର ଖାତା ନକଲ ପାଇବା ଲାଗି ଶେଷ ତାରିଖ ଚଳିତ ମାସ ୨୪ ତାରିଖକୁ ଘୁଞ୍ଚାଇ ଦିଆଯାଇଛି । ପୂର୍ବରୁ ଉତ୍ତର ଖାତାର ନକଲର ପାଇବାର ଶେଷ ତାରିଖ ଆସନ୍ତାକାଲି ଧାର୍ଯ୍ୟ କରାଯାଇଥିଲା । ଗତ କିଛି ଦିନ ଧରି ସି.ବି.ଏସ୍.ଇ.ର ୱେବ୍‌ସାଇଟ୍‌ରେ ଅହେତୁକ ଭିଡ଼ ଯୋଗୁଁ ସୃଷ୍ଟି ହେଉଥିବା ପରିସ୍ଥିତିକୁ ସୁଧାରିବା ନିମନ୍ତେ ଏପରି ନିଷ୍ପତ୍ତି ନିଆଯାଇଛି । ବୋର୍ଡ଼ ପକ୍ଷରୁ କୁହାଯାଇଛି, ଛାତ୍ରଛାତ୍ରୀମାନେ ଉତ୍ତର ଖାତାର ନକଲ ମିଳିବା ପରେ ପୁନଃ ମୂଲ୍ୟାଙ୍କନ ପାଇଁ ନିମନ୍ତେ ଆବେଦନ କରିବା ଲାଗି ଦୁଇ ଦିନ ସମୟ ପାଇବେ ।

## ସିନିୟର୍ ସିଟିଜେନ୍ ମୋବାଇଲ୍ ଆପ୍

ଦେଶର ବରିଷ୍ଠ ନାଗରିକମାନଙ୍କୁ ସହାୟତା ଯୋଗାଇଦେବା ଉଦ୍ଦେଶ୍ୟରେ 'ଜୀବନ' ନାମକ ଏକ ମୋବାଇଲ୍ ଆପ୍‌ର ଶୁଭାରମ୍ଭ କରାଯାଇଛି । କେନ୍ଦ୍ର ସାମାଜିକ ନ୍ୟାୟ ଏବଂ ସଶକ୍ତିକରଣ ମନ୍ତ୍ରୀ ଡକ୍ଟର ବୀରେନ୍ଦ୍ର କୁମାର ନୂଆଦିଲ୍ଲୀଠାରେ ଏହି ଆପ୍‌ର ଶୁଭାରମ୍ଭ କରିଛନ୍ତି । ଜୀବନ ଆପ୍‌ରେ ବରିଷ୍ଠ ନାଗରିକମାନଙ୍କ ପାଇଁ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ଏବଂ ଜନମଙ୍ଗଳ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା, ଜରୁରୀକାଳୀନ ସହାୟତା ଏବଂ ବରିଷ୍ଠ ନାଗରିକମାନଙ୍କ ଘର ସମ୍ପର୍କିତ ସମସ୍ତ ବିବରଣୀ ଉପଲବ୍ଧ ହେବ । ଏଥିରେ ବରିଷ୍ଠ ନାଗରିକମାନେ ଯେପରି ସହଜରେ ଏହି ଆପ୍ ବ୍ୟବହାର କରିପାରିବେ ସେଥିପାଇଁ ଧ୍ୟାନ ଦିଆଯାଇଛି । କେନ୍ଦ୍ର ମନ୍ତ୍ରୀ ଡକ୍ଟର ବୀରେନ୍ଦ୍ର କୁମାର ମଧ୍ୟ ଶତାୟୁ ନାମକ ଡ୍ୟାସ୍ ବୋର୍ଡ୍‌ର ମଧ୍ୟ ଶୁଭାରମ୍ଭ କରିଛନ୍ତି ।

## ଆୟୁଷ୍ମାନ୍ ଭାରତ

ଦେଶର ଆୟୁଷ୍ମାନ୍ ଭାରତ ହେଲ୍‌ଥ ଆକାଉଣ୍ଟ – ଆଭା ସହିତ ୧୦୦ କୋଟିରୁ ଊର୍ଦ୍ଧ୍ୱ ଲୋକଙ୍କ ସ୍ୱାସ୍ଥ୍ୟ ସମ୍ପର୍କିତ ତଥ୍ୟ ସଂଯୋଗ କରାଯାଇ ଆୟୁଷ୍ମାନ୍ ଭାରତ ଡିଜିଟାଲ୍ ମିଶନ୍‌ରେ ନୂତନ ରେକର୍ଡ଼ ସୃଷ୍ଟି ହୋଇଛି । ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ଗତ ବର୍ଷ ଫେବୃୟାରୀରେ ଏହି

ସଂଖ୍ୟା ୫୦ କୋଟି ଥିବା ବେଳେ ଏବେ ଏହା ୧୦୦ କୋଟିରୁ ଊର୍ଦ୍ଧ୍ୱ ଅତିକ୍ରମ କରିଛି । ପ୍ରତି ୨ରୁ ୩ ମାସ ମଧ୍ୟରେ ପାଖାପାଖି ୧୦ କୋଟି ସ୍ୱାସ୍ଥ୍ୟ ତଥ୍ୟକୁ ଏହି ଆଭା ପୋର୍ଟାଲ୍‌ରେ ସଂଯୋଗୀକରଣ କରାଯାଇ ପାରିଛି । ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଉତ୍ତରପ୍ରଦେଶରେ ସର୍ବାଧିକ ୧୫ କୋଟିରୁ ଊର୍ଦ୍ଧ୍ୱ ଆଭା ସଂଯୋଗୀକୃତ ସ୍ୱାସ୍ଥ୍ୟ ତଥ୍ୟ ରହିଥିବା ବେଳେ ଆନ୍ଧ୍ରପ୍ରଦେଶରେ ପାଖାପାଖି ୧୨ କୋଟି ସ୍ୱାସ୍ଥ୍ୟ ତଥ୍ୟ ରହିଛି ।

## ଇଲେକ୍ଟ୍ରିସିଟି ଡିମାଣ୍ଡ

ଦେଶର ଅଧିକାଂଶ ଭାଗରେ ଅତ୍ୟଧିକ ତାପମାତ୍ରା କାରଣରୁ ଗତ ୪ ଦିନ ମଧ୍ୟରେ ବିଦ୍ୟୁତ୍ ଚାହିଦା ଅତ୍ୟଧିକ ବୃଦ୍ଧି ପାଇଥିବା ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି । ଶକ୍ତି ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଗତକାଲି ଦିନରେ ବିଦ୍ୟୁତ୍ ଚାହିଦା ସର୍ବାଧିକ ୨୭୦ ଦଶମିକ୍ ୮୨ ଗିଗାୱାଟ୍‌ରେ ପହଞ୍ଚିଥିଲା, ଯାହାକି ପୂର୍ବ ରେକର୍ଡ଼ ଅତିକ୍ରମ କରିଥିଲା । ସେହିପରି ବିଦ୍ୟୁତ୍ ଚାହିଦା ସୋମବାର ୨୫୭, ମଙ୍ଗଳବାର ୨୬୦ ଏବଂ ବୁଧବାର ୨୬୫ ଗିଗାୱାଟ୍ ରହିଥିଲା । ମନ୍ତ୍ରଣାଳୟ ପକ୍ଷରୁ ବିଦ୍ୟୁତ୍ ଯୋଗାଣର ଆବଶ୍ୟକତାକୁ ଦୃଷ୍ଟିରେ ରଖି ନାଗରିକମାନେ ବିଦ୍ୟୁତ୍‌କୁ ଠିକ୍ ରୂପେ ବିନିଯୋଗ କରିବା ଲାଗି କୁହାଯାଇଛି ।

## ନେପାଳ-ଇଣ୍ଡିଆନ୍ କ୍ଲାଇମ୍ବର୍ସ୍ ଡେଡ୍

ଦୁଇ ଜଣ ଭାରତୀୟ ପର୍ବତାରୋହି ଅରୁଣ କୁମାର ତିୱାରୀ ଏବଂ ସନ୍ଦୀପ ଆରେ ଏଭରେଷ୍ଟ ପର୍ବତ ଶୃଙ୍ଗରୁ ଅବରୋହଣ କରୁଥିବା ବେଳେ ପ୍ରାଣ ହରାଇଛନ୍ତି । ନେପାଳର ପର୍ଯ୍ୟଟନ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ବିଶ୍ୱର ସର୍ବୋଚ୍ଚ ପର୍ବତ ଶୃଙ୍ଗ ଏଭରେଷ୍ଟରେ ଗତକାଲି ଏହି ଦୁଇ ଜଣ ପହଞ୍ଚିଥିଲେ ଏବଂ ଆଜି ଶୃଙ୍ଗରୁ ଅବରୋହଣ କରିବା ସମୟରେ ଅସୁସ୍ଥତା ଅନୁଭବ କରିଥିଲେ । ଏହା ହେଉଛି ଚଳିତ ଋତୁରେ ଏଭରେଷ୍ଟ ଶୃଙ୍ଗରେ ଚତୁର୍ଥ ମୃତ୍ୟୁ । ପୂର୍ବରୁ ନେପାଳର ତିନି ଜଣ ପର୍ବତାରୋହୀଙ୍କର ମୃତ୍ୟୁ ଘଟିଥିଲା ।

## ଆଫଗାନିସ୍ତାନ-ଥଣ୍ଡରଷ୍ଟ୍ରମ୍

ଆଫଗାନିସ୍ତାନର କାନ୍ଧାର, ହେରାଟ, ଘୋର ଏବଂ ତାଖାର୍ ପ୍ରଦେଶରେ ଗତକାଲି ରାତିରେ ପ୍ରବଳ ବର୍ଷା ଓ ପବନରେ ୬ ଜଣଙ୍କର ମୃତ୍ୟୁ ହେବା ସହ ୧୧ ଜଣ ଆହତ ହୋଇଛନ୍ତି । ଆଫଗାନିସ୍ତାନ ଜାତୀୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଏହି ବର୍ଷା ପବନ ଯୋଗୁଁ ଯାତାୟତ ବାଧାପ୍ରାପ୍ତ ହେବା ସହ ବଡ଼ବଡ଼ ଗଛ, ସୋଲାର୍ ପ୍ୟାନେଲ୍ ଆଦି ଭାଙ୍ଗିରୁଜି ଯାଇଛି ଏବଂ କେତେକ ଘର ମଧ୍ୟ ନଷ୍ଟ ହୋଇଥିବା ସୂଚନା ମିଳିଛି । ଆଫଗାନିସ୍ତାନରେ ମାର୍ଚ୍ଚ ୨୬

ତାରିଖ ପରଠାରୁ ୨୫୦ ଜଣଙ୍କର ମୃତ୍ୟୁ ହେବା ସହ ୩୪୪ ଜଣ ଆହତ ହୋଇଛନ୍ତି ଏବଂ ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ କାରଣରୁ ୧୭ ହଜାର ପରିବାର ପ୍ରଭାବିତ ହୋଇଥିବା ଜଣାପଡ଼ିଛି ।

## ଏନ୍‌ଏଚ୍‌ଏଆଇ-ଏନ୍‌ଜିଆଇ ଏମ୍‌ଓୟୁ

ଭାରତ ଜାତୀୟ ରାଜପଥ ପ୍ରାଧିକରଣ' ଏନ୍.ଏଚ୍.ଏ.ଆଇ. ଏବଂ ନରୱେର ଜିଓ ଟେକ୍ନିକାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଏନ୍.ଜି.ଆଇ. ମଧ୍ୟରେ ଟନେଲ୍ ଇଞ୍ଜିନିୟରିଂ, କ୍ଷମତା ଗଠନ ନେଇ ବୁଝାମଣା ସ୍ୱାକ୍ଷରିତ ହୋଇଛି । ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟ ପକ୍ଷରୁ ଜାରି ବିବୃତ୍ତିରେ କୁହାଯାଇଛି, ଭାରତର ଜାତୀୟ ରାଜପଥଗୁଡ଼ିକୁ ବିଶ୍ୱସ୍ତରୀୟ କରିବା ଲାଗି ଏନ୍.ଏଚ୍.ଏ.ଆଇ.ର ପ୍ରତିବଦ୍ଧତା ସ୍ୱରୂପ ଏହି ରାଜିନାମା ସ୍ୱାକ୍ଷରିତ ହୋଇଛି । ଦ୍ୱିପକ୍ଷ ମଧ୍ୟରେ ବୁଝାମଣା ଯୋଗୁଁ ପ୍ରାକୃତିକ ବିପର୍ଯ୍ୟୟକୁ ହାସଲ କରିବା ଲାଗି ବିଭିନ୍ନ ଗବେଷଣା ଏବଂ ବିକାଶ ମୂଳକ ପଦକ୍ଷେପ ଗ୍ରହଣ କରାଯାଇପାରିବ । ଏହି ବୁଝାମଣା ପାଞ୍ଚବର୍ଷ ଲାଗି କାର୍ଯ୍ୟକାରି କରିବ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି । ଭାରତ ଏବଂ ନରୱେ ମଧ୍ୟରେ ଭିତ୍ତିଭୂମି ବିକାଶ, ପ୍ରଯୁକ୍ତିବିଦ୍ୟା ବିନିମୟ ଏବଂ ଦୀର୍ଘସ୍ଥାୟୀ ଇଞ୍ଜିନିୟରିଂ କାର୍ଯ୍ୟ ନେଇ ସମ୍ପର୍କକୁ ଅଧିକ ଦୃଢ଼ିଭୂତ କରାଯାଇପାରିଛି ।

# ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍‌ରେ ଆଉ ଅଳ୍ପ ସମୟ ପରେ ହାଇଦ୍ରାବାଦ୍‌ର ରାଜୀବ ଗାନ୍ଧି ଆନ୍ତର୍ଜାତିକ ଷ୍ଟାଡିୟମ୍ ଠାରେ ସନ୍‌ରାଇଜର୍ସ ହାଇଦ୍ରାବାଦ୍ ଏବଂ ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ମଧ୍ୟରେ ମ୍ୟାଚ୍ ଆରମ୍ଭ ହେବ । ଟସ୍ ଜିତି ସନ୍‌ରାଇଜର୍ସ୍ ହାଇଦ୍ରାବାଦ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଛି ।